# ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



ଶ୍ୟାମାଖୁଣ୍ଟା, ୨୯/୧୨(ଇମିସ): ଶ୍ୟାମାଖୁଣ୍ଟା ବ୍ଲକର ବାଲିଡିହା ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆଇଆର୍‌ଡିପି ଏବଂ ରାଇଡ୍‌ସ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର ସଂଯୋଜକ ପ୍ରଶାନ୍ତ କୁମାର ଭୂୟାଁ ଯୋଗଦେଇ ସ୍ୱାସ୍ଥ୍ୟସେବା ସମ୍ପର୍କରେ ସଚେତନ କରିବା ସହିତ ସ୍ୱାସ୍ଥ୍ୟସେବାର ସୁଯୋଗ ନେବାକୁ କହିଥିଲେ। ଏହି ସ୍ୱାସ୍ଥ୍ୟସେବା ଶିବିରରେ ଶିଶୁ, ଅସ୍ଥିଶଲ୍ୟ, ଭେଷଜ ବିଶେଷଜ୍ଞ ଡାକ୍ତର ପିନାକୀ ମହାନ୍ତି, ଡାକ୍ତର ନର୍ମଦା ମହଲା ଉପସ୍ଥିତ ରହି ୫୦ରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣାରେ ଔଷଧ ବଣ୍ଟନ କରିଥିଲେ। ଏହି ସ୍ୱାସ୍ଥ୍ୟସେବା ଶିବିରରେ ବାଲିଡିହା ସରପଞ୍ଚ ଶକୁନ୍ତଳା ବିଶ୍ୱାଳ, ସମାଜସେବୀ କରୁଣାକର ମହାନ୍ତି, ତପନ କୁମାର ଦଳ, ଗୌତମ ମହାନ୍ତି, ରଞ୍ଜିତା ସିଂ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।